

# ଶ୍ଲୋକ ମହଲା ନୌୱାଁ

# Salok M:9

### ଶିଖ୍ ଧର୍ମର ନବମ ଗୁରୁ

### ଶ୍ରୀ ଗୁରୁ ତେଗ ବହାଦୁର ଜୀ କୃତ ଶ୍ଲୋକ

## ଓଡ଼ିଆ ଅନୁବାଦ

ੴ

# ଶିଖ୍ ଧର୍ମର ନବମ ଗୁରୁ

# ଶ୍ରୀ ଗୁରୁ ତେଗ୍ ବାହାଦୁର୍ ଜୀ କୃତ ଶ୍ଲୋକ

# ସଲୋକ ମହଲା ନୌଓଁା

(ନବମ ଗୁରୁଙ୍କ ଶ୍ଲୋକ୍ )

ਸਲੋਕ ਮਹਲਾ ੯

ਉੜੀਆ ਕਵਿਤਾ ਟੀਕਾ)

**ਸੂ: ਕ੍ਰਿਪਾਲ ਸਿੰਘ 'ਡਾਕੀਆ'**

----: କବିତାରେ ଓଡ଼ିଆ ଅନୁବାଦ ବାଣୀ ସହିତ :----

ସର୍ଦାର୍ କିର୍ପାଲ୍ ସିଂଘ୍ 'ଡାକୀଆ'

ଉର୍ଫ ହରିହର ଡାକୁଆ

ପୁରୁଣାପଡ଼ା, ଭବାନୀପାଟଣା-- ୭୬୬୦୦୧

ପୁସ୍ତକର ନାମ : - ସଲୋକ ମହଲା ନୌଓଁ

ଅନୁବାଦକ : - ସର୍‌ଦାର୍  କିର୍‌ପାଲ୍ ସିଂଘ୍ 'ଡାକୀଆ'
ମୋ: --- ୯୪୩୭୨୨୪୯୫୮
ପୁରୁଣାପଡ଼ା, ଭବାନୀପାଟଣା-୭୬୬୦୦୧

ପ୍ରକାଶନ ବର୍ଷ :-   ୦୫-୦୧-୨୦୧୮
(ଦଶମ-ଗୁରୁ ଶ୍ରୀ ଗୁରୁ ଗୋବିଂଦ୍ ସିଂଘ୍ ଜୀଙ୍କର ଜନ୍ମ-ଦିବସ )

ସ୍ଥାନ :-   ଭବାନୀପାଟଣା

ମୁଦ୍ରକ :-  ସର୍ଦାର୍ ସୁରିଂଦରଜୀତ୍ ସିଂଘ୍ ଭଂବରା - ସିଂଘ୍ କମ୍ପ୍ୟୁଟରସ୍ ,
ମୋ:- ୯୪୩୭୦୭୦୨୩୫
ଭବାନୀପାଟଣା- କଳାହାଣ୍ଡି

## ----- :::: ନବମ ନାନକ ଶ୍ରୀ ଗୁରୁ ତେଗ୍‌ବାହାଦୁର୍‌ଜୀ ::::-----

ଶିଖ୍‌ଧର୍ମର ନବମ ନାନକ ଶ୍ରୀ ଗୁରୁ ତେଗ୍‌ବାହାଦୁର୍‌ଜୀ ଗୁରୁ ମହଲ୍ ଅମୃତସର୍ ଠାରେ ତା: ୦୧ ଅପ୍ରେଲ ,୧୬୨୧ ରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତା ଷଷ୍ଠ ଗୁରୁ ଶ୍ରୀ ହରିଗୋବିନ୍ଦ୍ ସାହିବଜୀ ତଥା ମାତା ନାନ୍‌କୀଜୀ ।

ଶ୍ରୀ ତେଗ୍‌ବାହାଦୁର୍‌ଜୀଙ୍କ ଶୁଭବିବାହ କର୍‌ତାର୍‌ପୁର ( ଜଲନ୍ଧର) ନିବାସୀ ଶ୍ରୀ ଲାଲ୍‌ଚନ୍ଦ୍ ଜୀ ଖତ୍ରୀଙ୍କ ସୁପୁତ୍ରୀ ବୀବୀ ଗୁଜରୀଜୀଙ୍କ ସହିତ ହୋଇଥିଲା । ତାଙ୍କର ଏକମାତ୍ର ପୁତ୍ର ଦଶମ ଗୁରୁ ଶ୍ରୀ ଗୋବିନ୍ଦ୍ ସିଂଘ୍ ଜୀ ।

ନବମ ଗୁରୁ ସନ୍ଥ ସ୍ୱରୂପ , ସ୍ଥିରଚିତ୍ତ , ଉଚ୍ଚବିଚାରବାନ୍ , ତ୍ୟାଗୀ ଗମ୍ଭୀର , ହୃଦୟବାନ୍ ତଥା ନିର୍ଭୟ ସ୍ୱଭାବର ଥିଲେ । ଅଷ୍ଟମ ଗୁରୁ ଶ୍ରୀ ହରିକ୍ରିଷନ୍‌ଜୀଙ୍କ ଇଚ୍ଛା ଓ ଇଙ୍ଗିତ ଅନୁସାରେ ସେ ତା: ୩୦ ମାର୍ଚ୍ଚ ୧୬୬୪ ଦିନ ଗୁରୁ-ଗାଦି ଲାଭ କରିଥିଲେ । ୧୬୬୫ ମସିହାରେ କହେଲୁର୍‌ର ରାଜା ଦୀପ୍‌ଚନ୍ଦ୍‌ଙ୍କ ଠାରୁ ମାଖୋୱାଲ୍ ଗ୍ରାମର ଭୂମି କ୍ରୟ କରି ଆନନ୍ଦପୁର୍ ସାହିବ ନାମରେ ନଗର ସ୍ଥାପନ କଲେ ।

ଆନନ୍ଦପୁର୍‌ଠାରୁ ଘମୋଲୀ , ରୋପଡ଼ , ମୁଲେୱାଲ୍ ଆଦି ବାଟ ଦେଇ ସାବୋତଲବଣ୍ଡୀ ଗ୍ରାମ ପହଞ୍ଚିଲେ । ବାଟରେ ମିଳୁଥିବା ଦଶବନ୍ଧର ଅର୍ଥ, କୂଅ ଓ ପୋଖରୀ ଖନନ କାର୍ଯ୍ୟରେ ଖର୍ଚ୍ଚ କରି ଚାଲିଲେ ଓ କୁରୁକ୍ଷେତ୍ର , ମଥୁରା , ଆଗ୍ରା , କାନ୍‌ପୁର , ପ୍ରୟାଗ , କାଶୀ ଆଦି ହିନ୍ଦୁ ତୀର୍ଥ ସ୍ଥାନରେ ପହଞ୍ଚିଲେ । ଏକତ୍ରିତ ଲୋକଙ୍କୁ ଗୁରୁମତ୍ ବା ଶିଖୀ ସହ ଦୃଢ଼ କରାଇଲେ ତଥା ପ୍ରକୃତ ତୀର୍ଥ 'ସତ୍‌ସଙ୍ଗ' ବୋଲି ବୁଝାଉଥିଲେ । ଗୟା ବାଟଦେଇ ପାଟଣା ପହଞ୍ଚିଲେ । ପାଟଣାରେ ମାତା ଗୁଜରୀଜୀଙ୍କୁ ଛାଡ଼ି ରାଜମହଲ୍ , ମାଲ୍‌ଦା , ମୁର୍ସିଦାବାଦ୍ ଦେଇ ଢାକାରେ ପହଞ୍ଚିଥିଲେ । ପୂର୍ବରୁ ନିମନ୍ତ୍ରିତ ହୋଇ ଥିବାରୁ ଆସାମ୍‌କୁ ଯାଇ ୧୬୭୦ ମସିହାରେ ରାଜା ରାମସିଂହ ଓ ଅହୋମି ସର୍ଦାର୍ ରାଜା ଚକ୍ରଧ୍ୱଜଙ୍କ ମଧ୍ୟରେ ଥିବା କଳହର ସମାଧାନ କରାଇ ଦେଇ ଉଭୟ ପକ୍ଷକୁ ଅଯଥା

ରକ୍ତପାତରୁ ରକ୍ଷା କରିଥିଲେ । ଏହି ସମୟ ମଧ୍ୟରେ ୧୬୬୬ ଡିସେମ୍ବର ୨୨ ଦିନ ଗୁରୁମାତା ଗୁଜରୀଜୀଙ୍କ ଗର୍ଭରୁ ଦଶମ ଗୁରୁ ଗୋବିନ୍ଦସିଂଘ୍‌ଙ୍କ ଜନ୍ମ ହୋଇ ସାରିଥିଲା । ଗୁରୁଜୀ ଆସାମରୁ ପଞ୍ଜାବକୁ ଫେରିବାକୁ ସ୍ଥିର କଲେ । କାରଣ ଔରଙ୍ଗଜେବ୍ ହିନ୍ଦୁ ମାନଙ୍କ ଉପରେ ଅତ୍ୟାଚାର କରିବା ଆରମ୍ଭ କରି ସାରିଥିଲେ । ମନ୍ଦିର , ପାଠଶାଳା ଭାଙ୍ଗିବା ସହିତ ବ୍ରାହ୍ମଣଙ୍କୁ କତ୍‌ଲକରି ସେମାନଙ୍କ 'ଉପବିତ' ସଂଗ୍ରହ କରିବାକୁ ଆଦେଶ ଦେଇ ସାରିଥିଲେ । "'ଉପବିତ' ତ୍ୟାଗ କରି ଇସଲାମ୍ ଗ୍ରହଣ କର କିମ୍ବା ପ୍ରାଣ ଦିଅ , ମନ୍ଦିର ଭାଙ୍ଗି ମସ୍‌ଜୀଜ୍ ନିର୍ମାଣ କରାଯାଉ " । ଏହା ଥିଲା ହିନ୍ଦୁମାନଙ୍କର ଉପରେ ଚରମ ଆଦେଶ ।

ଗୁରୁ ଜୀ ପାଟଣା ପହଞ୍ଚି ସୁପୁତ୍ର ଗୋବିନ୍ଦ ରାୟଙ୍କୁ ଦେଖିଲେ । ବଲ୍‌ସର୍ , ବନାରସ୍ , ଅଯୋଧ୍ୟା ଆଦି ସ୍ଥାନ ଦେଇ ସେ ଆନନ୍ଦପୁର୍ ପହଞ୍ଚିଲେ । କିଛିଦିନ ପରେ ନିଜ ପରିବାରକୁ ଆନନ୍ଦପୁର୍ ସାହିବକୁ ଡକାଇ ଆଣିଲେ । ପୁତ୍ର ଗୋବିନ୍ଦ ରାୟଙ୍କ ଶିକ୍ଷା-ଦୀକ୍ଷାର ଉପଯୁକ୍ତ ପ୍ରବଂଧ କଲେ ।

ଏତିକି ବେଳେ ବିପତ୍ତିରୁ ରକ୍ଷା ପାଇବା ପାଇଁ କାଶ୍ମିରର ପଣ୍ଡିତମାନେ ଶ୍ରୀ ଗୁରୁ ତେଗ୍‌ବାହଦୁର୍‌ଜୀଙ୍କ ଶରଣ ନେଲେ । ସେ ବଡ଼ ଚିନ୍ତାରେ ପଡ଼ିଗଲେ । ଗୁରୁ ପିତାଙ୍କୁ ଚିନ୍ତାଗ୍ରସ୍ତ ଦେଖି ବାଳକ ଗୁରୁ 'ଗୋବିନ୍ଦ' ଚିନ୍ତାର କାରଣ ଜିଜ୍ଞାସା କଲେ । ଗୁରୁ ପିତା ଔରଙ୍ଗଜେବ୍‌ଙ୍କ ତରଫରୁ ଉପୁଜିଥିବା ବିପତ୍ତି କଥା ଶୁଣାଇଲେ । କହିଲେ- " କୌଣସି ଜଣେ ମହାନ୍ ଆତ୍ମାଙ୍କ ବଲିଦାନ ଦ୍ୱାରାହିଁ ଏହି ସଂକଟରୁ ମୁକ୍ତି ମିଳି ପାରିବ " । ଏହା ଶୁଣି ବାଳକ ଗୋବିନ୍ଦ କହିଲେ ," ଆପଣଙ୍କ ଠାରୁ ଅଧିକ ଯୋଗ୍ୟ ଆତ୍ମା କିଏ ଅଛି ଯିଏ ଏ ବିପତ୍ତିରୁ ଉଦ୍ଧାର କରି ପାରିବ "?

ଗୁରୁ ମହାରାଜ୍ ପଣ୍ଡିତଂମାଙ୍କୁ କହିଲେ ," ଜାଅ , ଔରଙ୍ଗଜେବ୍‌ଙ୍କୁ କୁହ , ଯଦି ତେଗ୍ ବାହାଦୁର୍ ଇସ୍ଲାମ ଧର୍ମ ଗ୍ରହଣ କରନ୍ତି ତେବେ ସମସ୍ତ ପଣ୍ଡିତ ସ୍ୱେଚ୍ଛାରେ ହିନ୍ଦୁଧର୍ମ ଗ୍ରହଣ କରିନେବେ " । ପଣ୍ଡିତ

ମାନେ ସେହିପରି କଲେ ।

ଗୁରୁଜୀଙ୍କୁ ଗିରଫ କରିବା ପାଇଁ ଔରଙ୍ଗଜେବ୍ ଆଦେଶ ଜାରି କଲା । ଗୁରୁଜୀ ବାଳକପୁତ୍ର ଗୋବିନ୍ଦରାୟଙ୍କୁ ଗୁରୁଗାଦି ଦେଇ ଦିଲ୍ଲୀ ଜାଇ ସହିଦ ହେବା ପାଇଁ ନିଷ୍ପତ୍ତି ନେଲେ । " କାହାକୁ ଡରାଇବା ନାହିଁ କିମ୍ବା କାହାକୁ ଡରିବା ନାହିଁ " , ଏହି ବାଣୀ ପ୍ରଚାର କରି ଗୁରୁଜୀ ବହୁ ଜଣ ଶିଷ୍ୟଙ୍କୁ ନେଇ ଆଗ୍ରା ଠାରେ ପହଞ୍ଚିଲେ । ସେଠାରୁ ତାଙ୍କୁ କେତେ ଶିଷ୍ୟଙ୍କ ସହ ଗିରଫ କରି ଦିଲ୍ଲୀ ନିଆଗଲା । ତାଙ୍କୁ ନିଜଧର୍ମ ତ୍ୟାଗ କରି ଇସ୍ଲାମ୍ ଗ୍ରହଣ କରିନେବା ପାଇଁ କୁହାଗଲା , ସେ ଧର୍ମ ପରିବର୍ତ୍ତନ କରି ମୁସଲ୍‌ମାନ୍ ହେବାକୁ ମନା କରି ଦେଲେ । ତାଙ୍କୁ ଡରାଇବା ପାଇଁ ତିନିଜଣ ଶିଖ୍ **ଭାଇ ମତୀ ଦାସ୍ , ଭାଇ ସତୀ ଦାସ୍ , ଭାଇ ଦିଆଲା** ଜୀଙ୍କୁ ବହୁ ଯନ୍ତ୍ରଣା ଦେଇ ତାଙ୍କ ସମ୍ମୁଖରେ ସହିଦ କରି ଦିଆଗଲା । ଏତିକି ହେଲା ପରେ ମଧ୍ୟ ସେ ବିଚଳିତ ହେଲେ ନାହିଁ । ଫଳରେ ୧୬୭୫ ମସିହା ନଭେମ୍ବର ୧୧ ତାରିଖ ଦିନ ଦିଲ୍ଲୀର ଚାନ୍ଦିନୀ-ଚୌକ୍ ଠାରେ ଶିରଛେଦନ କରି ତାଙ୍କୁ ସହିଦ କରି ଦିଆ ଗଲା । ଶ୍ରୀ ଗୁରୁ ତେଗ୍ ବାହାଦୁର୍‌ଜୀଙ୍କ ବାଣୀ ଗୁଡ଼ିକ ମଧ୍ୟରେ **'ସଲୋକ ମହଲା ନୌୱାଁ'** ମୁଖ୍ୟ ବାଣୀ ଅଟେ, ଯାହାକୁ ଶିଖ୍‌ମାନେ ବହୁତ ଶ୍ରଦ୍ଧା-ସହକାରେ ଶ୍ରବଣ କରି ଥାଆନ୍ତି ।

-----((((()))))-----

--- : ଅନୁବାଦକଙ୍କ ଦିପଦ :---

ପ୍ରିୟ ପାଠକ ବନ୍ଧୁ,

ୱାହିଗୁରୁ ଜୀ କା ଖାଲ୍‌ସା , ୱାହିଗୁରୁ ଜୀ କୀ ଫତେହ୍ ।

ଦାସ ସର୍‌ଦାର୍ କିର୍‌ପାଲ୍ ସିଂଘ୍ 'ଡାକୀଆ' ଉର୍ଫ ହରିହର 'ଡାକୁଆ' ଜଣେ ଓଡ଼ିଆ ଶିଖ୍ । ଓଡ଼ିଆ ଭାଷାଭାଷୀ ଭାଇ ଭଉଣୀଙ୍କ ପାଇଁ ଶିଖ୍ ଧର୍ମର ଧର୍ମଗ୍ରନ୍ଥ ଆଦି ଶ୍ରୀ ଗୁରୁ ଗ୍ରନ୍ଥ ସାହିବ ଜୀର ୧)- ଜପୁଜୀ ସାହିବ ଜୀ , ୨)-ଆନନ୍ଦ ସାହିବ ଜୀ , ୩)- ସୁଖମନୀ ସାହିବ ଜୀ , ଓ ୪)- ସଲୋକ ମହଲା ନୌୱାଁକୁ ଓଡ଼ିଆ ଭାଷାରେ ଦାସ ଅନୁବାଦ କରିଛି । ଏଥି ନିମନ୍ତେ ପରମପିତା ପରମେଶ୍ୱର ୱାହିଗୁରୁ ଦାସ ଉପରେ ଅସୀମ କୃପା ବର୍ଷଣ କରିଥିବା ଦାସ ଅନୁଭବ କରିଛି ।

**'ଶ୍ରୀ ଗୁରୁ ଗ୍ରନ୍ଥ ସାହିବ ଜୀ'** ଗୁରୁମୁଖୀ ଲିପିରେ ଲିଖିତ । ଏହି ଗ୍ରନ୍ଥରେ ୬ ଜଣ ଶିଖ୍ ଗୁରୁ , ବିଭିନ୍ନ ପ୍ରାନ୍ତର ୧୫ ଜଣ ଭକ୍ତ, ୧୧ ଜଣ ଭାଟ୍ ଓ ୪ ଜଣ ଶିଷ୍ୟଙ୍କର ବାଣୀ ବିଭିନ୍ନ ଭାଷା ଓ ବିଭିନ୍ନ ରାଗ ରାଗିଣୀରେ ଲିପିବଦ୍ଧ ହୋଇଛି ।

**୧)--** ୬ ଜଣ ଗୁରୁ- ଶ୍ରୀ ଗୁରୁ ନାନକ୍ ଦେୱ୍ ଜୀ, ଶ୍ରୀ ଗୁରୁ ଅମର୍‌ଦାସ୍ ଜୀ , ଶ୍ରୀ ଗୁରୁ ରାମ୍‌ଦାସ୍ ଜୀ , ଶ୍ରୀ ଗୁରୁ ଅର୍ଜୁନ୍ ଦେୱ୍ ଜୀ , ଶ୍ରୀ ଗୁରୁ ତେଗ୍ ବାହାଦୁର୍ ଜୀ ।

**୨)--** ୧୫ ଜଣ ଭକ୍ତ- କବୀର୍ ଜୀ, ନାମ୍‌ଦେୱ୍ ଜୀ , ରୱିଦାସ୍ ଜୀ , ତ୍ରିଲୋଚନ୍ ଜୀ , ଫରୀଦ୍ ଜୀ , ବୈଣୀ ଜୀ , ଧନ୍ନା ଜୀ , ଜୈଦେୱ୍ ଜୀ , ଭୀଖଣ୍ ଜୀ , ସୁର୍‌ଦାସ୍ ଜୀ , ପରମାନନ୍ଦ୍ ଜୀ , ସୈଣ୍ ଜୀ , ପୀପା ଜୀ , ସଧନା ଜୀ , ରାମାନନ୍ଦ୍ ଜୀ ଆଦି ବିଭିନ୍ନ ପ୍ରାନ୍ତର ଭକ୍ତ ମାନଙ୍କର ବାଣୀ ଶାମିଲ୍ କରା ଯାଇଛି ।

**୩)--** ୧୧ ଜଣ ଭାଟ୍ - କଲ୍ଲସହାର୍ , ଜାଲପ୍ , କୀରତ୍ , ଭିକ୍‌ଖା , ସଲ୍‌ହ , ଭଲ୍‌ହ , ନଲ୍‌ହ , ବଲ୍‌ହ , ମଥୁରା , ଗୟନ୍ଦ୍ , ହରିବଂସ୍ ।

**୪) --** ୪ ଜଣ ଶିଷ୍ୟ - ଭାଇ ମରଦାନା ଜୀ , ବାବା ସୁଂଦର୍ ଜୀ , ଭାଇ

ସତ୍ତା ଜୀ ଓ ଭାଇ ବଲଙ୍ଵଂଡ୍ ଜୀ ।

୫)-- ରାଗ -- ୩୧ ରାଗ , ରାଗିଣୀ

୬)-- ଭାଷା-- **ବହୁ ଭାଷା , ପୂରା ବିଶ୍ଵରେ ଏ ଗୋଟିଏ ଗ୍ରନ୍ଥ ଯେଉଁଟା କି ଏତିକି ଭାଷାରେ ରଚିତ ହୋଇଅଛି** । ଅରବୀ , ଫାରସୀ , ଉର୍ଦ୍ଦୁ , ସିନ୍ଧୀ , ସଂସ୍କୃତ ( ତତ୍ସମ ଓ ତଦ୍ଭବ) , ସାଧୁକ୍କଡ଼ୀ (ବ୍ରଜ ଭାଷା ) , ଗୁଜରାତୀ , ରାଜସ୍ଥାନୀ , ମରାଠୀ , ଓଡ଼ିଆ , ବଂଗାଲୀ , ଅୱଧୀ , ଆଓରି ଅନେକ କେତୋଟି ଭାଷା ଯାହା ମୁଁ କହି ପାରୁ ନାହିଁ । ଗୁରୁ ନାନକ୍ ଦେୱ୍ ଜୀ ଯେଉଁ ଯେଉଁ ପ୍ରାନ୍ତକୁ ଭ୍ରମଣ କରିଛନ୍ତି , ସେ ପ୍ରାନ୍ତର ଭାଷା ମଧ୍ୟ ମିଶାଇ ଲେଖିଛନ୍ତି । ଏତିକି ଭାଷାରେ ଲିଖିତ ଗ୍ରନ୍ଥର ଅନୁବାଦ କରିବାଟା ସହଜ ନୁହେଁ । ଏତେ ଗୁଡ଼ିଏ ଭାଷାରେ ରଚିତ ବାଣୀ ଓ ଭାବର ଉଚିତ ନିର୍ବହନ ପୂର୍ବକ ଅନୁବାଦ କାର୍ଯ୍ୟ ସରଳ ନ ଥିଲା । ଦଶମ ଗୁରୁ ଶ୍ରୀ ଗୁରୁ ଗୋବିନ୍ଦ୍ ସିଂଘ୍ ଜୀ **ଖାଲ୍ସା ପନ୍ଥ**ର ସୃଜନ ସମୟରେ ଶିଖ୍ ମାନଙ୍କର ପରୀକ୍ଷା ନେଇ ଯେଉଁ ପାଞ୍ଚ ଜଣ **(ଭାଈ ଦୟା ସିଂଘ୍ ଜୀ , ଭାଈ ଧରମ୍ ସିଂଘ୍ ଜୀ , ଭାଈ ହିମ୍ମତ୍ ସିଂଘ୍ ଜୀ , ଭାଈ ମୁହକମ୍ ସିଂଘ୍ ଜୀ , ଭାଈ ସାହିବ୍ ସିଂଘ୍ ଜୀ )** ଙ୍କୁ ପଞ୍ଚ ପ୍ୟାରେ ପଦବୀ ପ୍ରଦାନ କରି ଥିଲେ , ସେମାନଙ୍କର ମଧ୍ୟରୁ ଜଣେ ଭାଗ୍ୟବାନ ଥିଲେ ଓଡ଼ିଆ ଯୁବକ , ପୁରୀ ନିବାସୀ " ହିମ୍ମତ୍ ରାୟ " । ଅମୃତ ପାନ କଲା ପରେ ତାଙ୍କର ନାମ **"ହିମ୍ମତ୍ ସିଂଘ୍"** ରଖା ଗଲା । ଏହାକୁ ଦୃଷ୍ଟିରେ ରଖି କେହିହେଲେ ଜଣେ ଉତ୍କଳୀୟ ଶିଖ୍ ଶିଖ୍ଧର୍ମର ପ୍ରଚାର ପ୍ରସାର ନିମନ୍ତେ ଚେଷ୍ଟିତ ହୋଇ ଥାଆନ୍ତା । ତେଣୁ ଏହି ଦାସ ଦ୍ଵାରା କରା ଯାଇଥିବା କିଞ୍ଚିତ ପ୍ରଚେଷ୍ଟା ବୃଥା ହେବ ନାହିଁ । ଏହି କାର୍ଯ୍ୟ ଆହୁରି ଆଗକୁ ବଢ଼ିବ , ଦାସ ଏହି ଆଶା ରଖିଚି ।

ମୂଳବାଣୀକୁ ସର୍ଦାର୍ ସୁରିଂଦରଜୀତ୍ ସିଂଘ୍ 'ଭଂବରା' ମୂଳ ଗୁରମୁଖୀରୁ ଓଡ଼ିଆ ଲିପିକୁ ଲିପ୍ୟନ୍ତର କରିଛନ୍ତି । ଯେଉଁ ମାନେ ନିୟମିତ ମୂଳବାଣୀକୁ ପାଠ କରିବାକୁ ଚାହାନ୍ତି ସେମାନେ କିଞ୍ଚିତ ସାବଧାନତା ଅବଲମ୍ବନ କରିବାକୁ ଅନୁରୋଧ ।

ଗୁରମୁଖୀ ଲିପି ଦୃଷ୍ଟିରୁ ----

ଅ , ଆ, ଇ , ଈ , ଉ , ଊ , ଏ , ଐ , ଓ , ଔ - ଏ ଗୁଡ଼ିକ ସ୍ୱର ବର୍ଣ୍ଣ , ଅନ୍ୟ ଅକ୍ଷର ଗୁଡ଼ିକ ବ୍ୟଞ୍ଜନ ବର୍ଣ୍ଣ । ଯଥା :-

କ ଖ ଗ ଘ ଙ

ଚ ଛ ଜ ଝ ଞ

ଟ ଠ ଡ ଢ ଣ

ତ ଥ ଦ ଧ ନ

ପ ଫ ବ ଭ ମ -- ଏ ଗୁଡ଼ିକ ବର୍ଗ୍ୟ ବ୍ୟଞ୍ଜନ ବର୍ଣ୍ଣ ।

ୟ ର ଲ ୱ ଡ଼ --ଏ ଗୁଡ଼ିକ ଅବର୍ଗ୍ୟ ବ୍ୟଞ୍ଜନ ବର୍ଣ୍ଣ ।

ସ୍ୱର ବର୍ଣ୍ଣ ଗୁଡ଼ିକ ମଧ୍ୟରୁ ଅ, (ହ୍ରସ୍ୱ) ଇ , ଓ (ହ୍ରସ୍ୱ) ଉ ଲଘୁ ସ୍ୱର ବର୍ଣ୍ଣ ।

ଏ ଗୁଡ଼ିକର ଉଚ୍ଚାରଣ ଲଘୁଭାବରେ ଉଚ୍ଚାରିତ ହୁଏ । ସମସ୍ତ ସ୍ୱରବର୍ଣ୍ଣକୁ ଲଗା, ମାତ୍ରା ଭାବରେ , ବ୍ୟଞ୍ଜନ ବର୍ଣ୍ଣ ଗୁଡ଼ିକରେ ଲଗା ଯାଇ ବ୍ୟବହାର କରାଯାଏ ଓ ଉଚ୍ଚାରଣ କରାଯାଏ । ହ୍ରସ୍ୱ ସ୍ୱର ବର୍ଣ୍ଣ ଲାଗିଥିବା ବ୍ୟଞ୍ଜନ ବର୍ଣ୍ଣ ଗୁଡ଼ିକ ସମୟ ଦୃଷ୍ଟିରୁ କମ ସମୟ ପାଇଁ ବା ଲଘୁ ଉଚ୍ଚାରଣ ଓ ଦୀର୍ଘ ସ୍ୱର ଲଗାମାତ୍ରା ଲାଗିଥିବା ବ୍ୟଞ୍ଜନ ବର୍ଣ୍ଣ ଗୁଡ଼ିକ ସମୟ ଦୃଷ୍ଟିରୁ ଦୀର୍ଘ ସମୟ ପାଇଁ ବା ଦୀର୍ଘ ଉଚ୍ଚାରଣ କରାଯାଏ ।

**୧)**-- ମୂଳପାଠ ଗୁଡ଼ିକୁ ଉଚ୍ଚାରଣ କଲାବେଳେ ଶବ୍ଦର ଶେଷ ବ୍ୟଞ୍ଜନ ଅକ୍ଷର ଯଦି ଅକାରାନ୍ତ ହୋଇଥାଏ ତେବେ ତାହା ହସନ୍ତଯୁକ୍ତ କରି ଉଚ୍ଚାରଣ କରିବେ ।

ଯଥା : --- ଶବ୍ଦ ଉଚ୍ଚାରଣ

ନାନକ --- କ ----କ୍ ( ନାନକ୍ )

ଲଖ --- ଖ ----ଖ୍ ( ଲଖ୍ )

ଚୁପ --- ପ ---- ପ୍ (ଚୁପ୍ )

ତାର --- ର ---- ର୍ (ତାର୍ )

**୨)**-- ଶବ୍ଦର ଶେଷ ବ୍ୟଞ୍ଜନ ଅକ୍ଷରରେ ଯଦି ହ୍ରସ୍ୱ ଇ କାର ଲାଗିଥାଏ ତେବେ (ହ୍ରସ୍ୱ) ଇକାରକୁ ବାଦ୍ ଦେଇ ହସନ୍ତ ଲଗାଇ ଉଚ୍ଚାରଣ କରିବେ ।

ଯଥା --- ଶବ୍ଦ ଉଚ୍ଚାରଣ

ମୂରତି --- ତି ---- ତ୍ ( ମୂରତ୍ )

ପ୍ରସାଦି --- ଦି ---- ଦ୍ ( ପ୍ରସାଦ୍ )

ସୋଚି --- ଚି ---- ଚ୍ ( ସୋଚ୍ )

ନାଲି --- ଲି ---- ଲ୍ ( ନାଲ୍ )

ଘସି --- ସି ---- ସ୍ ( ଘସ୍ )

ହରି --- ରି ---- ର୍ ( ହର୍ )

ହୁକମି --- ମି ---- ମ୍ ( ହୁକମ୍ )

**୩)**--- ଶବ୍ଦର ଶେଷରେ ବ୍ୟଞ୍ଜନ ବର୍ଣ୍ଣ ଥିଲେ ଓ ସେଥିରେ ହ୍ରସ୍ୱ ଉ କାର ମାତ୍ରା ଲାଗିଥିଲେ , ହ୍ରସ୍ୱ ଉକାରକୁ ଛାଡ଼ି ଦେଇ ସେଥିରେ ହସନ୍ତ ଲଗାଇ ପାଠ କରିବେ ।

ଯଥା --- ଶବ୍ଦ ଉଚ୍ଚାରଣ

ମୋହୁ --- ହୁ ----ହ୍ ( ମୋହ୍ )

ସଚୁ --- ଚୁ ----ଚ୍ ( ସଚ୍ )

ହୁକମୁ --- ମୁ ---- ମ୍ ( ହୁକମ୍ )

ମସୁ --- ସୁ ---- ସ୍ ( ମସ୍ )

କାଗଦୁ --- ଦୁ ---- ଦ୍ ( କାଗଦ୍ )

ସାରୁ --- ରୁ ---- ର୍ ( ସାର୍ )

ଏହୁ --- ହୁ ---- ହ୍ ( ଏହ୍ )

**୪)**--- ଶେଷ ବର୍ଣ୍ଣଟି ହ୍ରସ୍ୱ 'ଇ' ହୋଇଥିଲେ 'ଇ' ବଦଳରେ ଲଘୁ 'ଏ' ଉଚ୍ଚାରଣ କରନ୍ତୁ ।

ଯଥା --- ଶବ୍ଦ ଉଚ୍ଚାରଣ

କୋଇ --- ଇ --- ଏ ( କୋଏ )

ନାଇ --- ଇ ---- ଏ ( ନାଏ )

୫)--- ଶେଷ ବର୍ଣ୍ଣଟି ହ୍ରସ୍ୱ 'ଉ' ହୋଇଥିଲେ 'ଉ' ବଦଳରେ 'ଓ' ଉଚ୍ଚାରଣ କରନ୍ତୁ ।

ଯଥା --- ଶବ୍ଦ ଉଚ୍ଚାରଣ

ନାଉ --- ଉ ---- ଓ ( ନାଓ )

ଭାଉ --- ଉ ---- ଓ ( ଭାଓ )

ଦରିଆଉ --- ଉ ---- ଓ ( ଦରିଆଓ )

ତାଉ --- ଉ ---- ଓ ( ତାଓ )

ମୂଳପାଠକୁ କିଛି ଦିନ ଏ ଭଳି ପଢ଼ିବାକୁ ଚେଷ୍ଟା କରନ୍ତୁ ଅଥବା କୌଣସି ଜ୍ଞାନୀ କିମ୍ବା ପାଠୀଙ୍କ ଠାରୁ ଉପଦେଶ ପ୍ରାପ୍ତ କରନ୍ତୁ । ଆପଣଙ୍କ ମୂଳପାଠ ଉଚ୍ଚାରଣ ଶୁଦ୍ଧ ହୋଇ ଯିବ ।

ମୂଳବାଣୀକୁ ଓଡ଼ିଆ ଭାଷାରେ ଅନୁବାଦ କଲା ବେଳେ ସ୍ୱର୍ଗତ ସର୍‌ଦାର୍‌ ଦରସନ୍‌ ସିଂଘ୍‌ ୱିର୍କ ଜୀ, ସ୍ୱର୍ଗତ ସର୍‌ଦାର୍‌ ଉଜାଗର୍‌ ସିଂଘ୍‌ ସଂଧୁ ଜୀ , ସ୍ୱର୍ଗତ ସର୍‌ଦାର୍‌ କର୍‌ତାର୍‌ ସିଂଘ୍‌ ସଂଧୁ ଜୀ, ସ୍ୱର୍ଗତ ସର୍‌ଦାର୍‌ ତାରା ସିଂଘ୍‌ ଭମ୍ବ୍ରା ଜୀ (ପ୍ରଧାନ- ଗୁରୁଦୁଆରା-ଭବାନୀପାଟଣା ) ବିଭିନ୍ନ ପ୍ରକାର ସାହାଯ୍ୟ ଦେଇ ଦାସକୁ ଉତ୍ସାହିତ କରିଥିବାରୁ ଦାସ ଚିରୋପକୃତ ରହିଛି ଓ ରହିବ । ସ୍ୱର୍ଗତ ସର୍‌ଦାର୍‌ ତରଲୋକ ସିଂଘ ସଗ୍‌ଗୁ ଜୀ ଯେଉଁ ସାହାଯ୍ୟ , ସହାନୁଭୂତି ଓ ଉତ୍ସାହ ପ୍ରଦାନ କରିଥିଲେ ତାହା କଦାପି ଭୁଲିବାର ନୁହେ ।

ପୁସ୍ତକ ଗୁଡ଼ିକର ପ୍ରକାଶନ ଅବସରରେ ଦାସ ସମସ୍ତଙ୍କୁ ସ୍ମରଣ କରୁଛି । ପରମପିତା ପରମେଶ୍ୱର ୱାହିଗୁରୁ ଦିବଂଗତ ମହାପୁରୁଷ ମାନଙ୍କ ଆତ୍ମାକୁ ଆପଣା ଚରଣ ତଳେ ଶରଣ ପ୍ରଦାନ କରିବାକୁ ନତମସ୍ତକ ହୋଇ ଅର୍‌ଦାସ୍‌ କରୁଛି ।

ଯେଉଁ ବନ୍ଧୁମାନେ ପ୍ରକାଶନର ଦାୟିତ୍ୱ ନେଇଛନ୍ତି ସେମାନଙ୍କୁ ଦାସ କୃତଜ୍ଞତା ପ୍ରକାଶ କରୁଛି , ୱାହିଗୁରୁ ତାଙ୍କୁ ଜାଗତିକ ଓ ଆତ୍ମିକ ଆନନ୍ଦ ପ୍ରଦାନ କରନ୍ତୁ । କିଞ୍ଚିତ ମାତ୍ର ସାହାଯ୍ୟ ପ୍ରଦାନ କରିଥିବା ବନ୍ଧୁମାନେଙ୍କୁ କୃତଜ୍ଞ ରହିବି ।

ଭୁବନ୍‌ବାଣୀ ଟ୍ରସ୍‌ଟ୍ , ଲଖନୌ ଦ୍ୱାରା ପ୍ରକାଶିତ **'ଆଦି ଶ୍ରୀ ଗୁରୁ ଗ୍ରନ୍ଥ ସାହିବ ଜୀ'**ର ହିଂଦୀ ଅନୁବାଦର ସାହାଯ୍ୟ  ବିନା ଏହି ଓଡ଼ିଆ ଅନୁବାଦ ସମ୍ଭବ ନଥିଲା ଏଣୁ ଏହାର ହିଂଦୀ ଅନୁବାଦକ ଡା: ମନ୍‌ମୋହନ୍ ସହଗଲ୍‌ଙ୍କ ନିକଟରେ ଏହି ଦାସ ଋଣୀ ରହିଲା  ।

ଓଡ଼ିଆ ଭାଷା ଓ ଲିପିରେ ଅନୁବାଦ ଓ ଲିପ୍ୟନ୍ତରଣ କରି ଲେଖିବା ଅବସରରେ ଅନେକ ତୃଟି , ଭୁଲ୍‌ଭଟକା କରି ଥିବି , ଯୋଡ଼ ହସ୍ତରେ କ୍ଷମା ମାଗୁଛି  । ଭୁଲ୍ ତୃଟି ଜଣାଇ ଦେଇ କୃତଜ୍ଞ କରିବା ହେବେ  ।

ଏକ ତୁଚ୍ଛ-ସେବକ --ସର୍‌ଦାର୍ କିର୍‌ପାଲ୍ ସିଂଘ୍ 'ଡାକୀଆ' ,

ଉର୍ଫ ହରିହର ଡାକୁଆ ,

ଭବାନୀପାଟଣା,

୦୫ /୦୧/୨୦୧୮ ,

(ଦଶମ-ଗୁରୁ  ଶ୍ରୀ ଗୁରୁ ଗୋବିଂଦ୍ ସିଂଘ୍ ଜୀଙ୍କ ଜନ୍ମ-ଦିୱସ)

-----((((()))))-----

## ୧ଓଁ ୧ଓଁକାର ସତ୍‌ଗୁର୍ ପ୍ରସାଦ୍

### ସଲୋକ ମହଲା ୯ । । ଶ୍ଲୋକ୍ ମହଲା ୯ । ।

*ଗୁନ ଗୋବିଂଦ ଗାଇଓ ନହୀ ଜନମୁ ଅକାରଥ କୀନୁ । ।*
*କହୁ ନାନକ ହରି ଭଜୁ ମନା ଜିହ ବିଧି ଜଲ କଉ ମୀନୁ । ।୧ । ।*
--ଗୋବିଂଦ ଗୁଣ ତୁ ନ ଗାଇଲୁ ଦିନେ, କଲୁ ଜନ୍ମ ଅକାରଣ ।
କହଇ ନାନକ ଭଜ ମନ ହରି , ଜଳକୁ ଯେସନ ମୀନ । ।୧ । ।

*ବିଖିଅନ ସିଉ କାହେ ରଚିଓ ନିମଖ ନ ହୋହି ଉଦାସୁ । ।*
*କହୁ ନାନକ ଭଜୁ ହରି ମନା ପରୈ ନ ଜମ କୀ ଫାସ । ।୨ । ।*
--ବିଷୟ ଜଞ୍ଜାଳେ ଛନ୍ଦି ହେଲୁ କିପାଁ , କ୍ଷଣେ ନ ହେଲୁ ଉଦାସ ।
କହଇ ନାନକ ଭଜ ମନ ହରି , ନ ଲାଗିବ ଯମ ଫାଶ । ।୨ । ।

*ତରନାପୋ ଇଉ ହୀ ଗଇଓ ଲୀଓ ଜରା ତନୁ ଜୀତି । ।*
*କହୁ ନାନକ ଭଜୁ ହରି ମନା ଅଉଧୁ ଜାତୁ ହୈ ବୀତି । ।୩ । ।*
--ଯୁବା ବୟସ ତ ବିତିଲା ତୁଚ୍ଛାରେ , ତନୁ ହେଲା ଜରାଜୀର୍ଣ୍ଣ ।
କହଇ ନାନକ ଭଜ ମନ ହରି , ଆୟୁଷ ହୁଅଇ କ୍ଷୀଣ । ।୩ । ।

*ବିରଧି ଭଇଓ ସୂଝୈ ନହୀ କାଲୁ ପହୁଚିଓ ଆନି । ।*
*କହୁ ନାନକ ନର ବାଓରେ କିଉ ନ ଭଜୈ ଭଗୱାନୁ । ।୪ । ।*
--ଆସିଲାଣି କାଳ ବୃଦ୍ଧ ହେଲୁ ସିନା , ତହିଁକି ନ ଗଲା ଧ୍ୟାନ ।
କହଇ ନାନକ ବାଇମନ କିପାଁ , ନ ଭଜୁ ତୁ ଭଗବାନ । ।୪ । ।

*ଧନୁ ଦାରା ସଂପତି ସଗଲ ଜିନି ଅପୁନୀ କରି ମାନି । ।*
*ଇନ ମୈ କଛୁ ସଂଗୀ ନହୀ ନାନକ ସାଚୀ ଜାନି । ।୫ । ।*
--ଧନ ଦାରା ଆଉ ସକଳ ସମ୍ପତ୍ତି , ଯାହା ତୁ ବୋଲୁ ନିଜର ।
ଅନ୍ତ କାଳେ କିଛି ସଙ୍ଗତେ ନ ଯିବ , ନାନକ ଏ ସତ୍ୟ ଗିର । ।୫ । ।

*ପତିତ  ଉଧାରନ ଭୈ ହରନ ହରି ଅନାଥ କେ ନାଥ । ।*
*କହୁ ନାନକ ତିହ ଜାନୀଐ ସଦା ବସତୁ ତୁମ ସାଥି । ।୬ । ।*
--ପତିତତାରଣ ଭୟ ନିବାରଣ , ଅନାଥଙ୍କ ନାଥ ହରି ।
କହଇ ନାନକ ଜାଣିଥାଅ ସଦା , ଅଛନ୍ତି ସାଥେ ତୋହରି । ।୬ । ।

*ତନୁ ଧନୁ ଜିହ ତୋ କଉ ଦୀଓ ତାਂ ସିଉ ନେହୁ ନ କୀନ । ।*
*କହୁ ନାନକ ନର ବାଓରେ ଅବ କିଉ ଡୋଲତ ଦୀନ । ।୭ । ।*
-- ଶରୀର ସମ୍ପତ୍ତି ଦେଲା ତୋତେ ଯିଏ , ତା ନାମ ମୁଖେ ନ ନେଲୁ ।
କହଇ ନାନକ ଆରେ ବାଇମନ , ଏତେ ସରି ଆଜି ହେଲୁ । ।୭ । ।

*ତନୁ ଧନୁ ସଂପୈ ସୁଖ ଦୀଓ ଅରୁ ଜିହ ନୀକେ ଧାମ । ।*
*କହୁ ନାନକ ସୁନୁ ରେ ମନା ସିମରତ କାହି ନ ରାମୁ । ।୮ । ।*
--ଶରୀର ସମ୍ପତ୍ତି ସୁଖ ଦେଲା ଯିଏ , ଆଉ ଏ ସୁନ୍ଦର ଧାମ ।
କହଇ ନାନକ ଶୁଣ ଆରେ ମନ , କିପାଁ ତୁ ନ ଭଜୁ ରାମ । ।୮ । ।

*ସଭ ସୁଖ ଦାତା ରାମୁ ହୈ ଦୂସର ନାହି ନ କୋଇ । ।*
*କହୁ ନାନକ ସୁନି ରେ ମନା ତିହ ସିମରତ ଗତି ହୋଇ । ।୯ । ।*

--ସବୁ ସୁଖ ଦାତା ଏକା ପ୍ରଭୁ ରାମ , ଅପର ଆଉ କେ ନାହିଁ ।
କହଇ ନାନକ ଶୁଣ ଆରେ ମନ , ହେଜିଲେ ସୁଗତି ପାଇ ।।୯।।

*ଜିହ ସିମରତ ଗତି ପାଈଐ ତିହ ଭଜୁ ରେ ତୈ ମୀତ ।।*
*କହୁ ନାନକ ସୁନୁ ରେ ମନା ଅଉଧୁ ଘଟତ ହୈ ନୀତ ।।୧୦।।*
--ଯାହାରି ସ୍ମରଣେ ସୁଗତି ମିଳଇ , ତାଠାରେ ରଖ ତୋ ମତି ।
କହଇ ନାନକ ଶୁଣ ଆରେ ମନ , କ୍ଷୀଣ ହୁଏ ଆୟୁ ନିତି ।।୧୦।।

*ପାଂଚ ତତ କୋ ତନୁ ରଚିଓ ଜାନହୁ ଚତୁର ସୁଜାନ ।।*
*ଜିହ ତେ ଉପଜିଓ ନାନକା ଲୀନ ତାହି ମୈ ମାନୁ ।।୧୧।।*
--ପଞ୍ଚ ମହାଭୂତେ ଏ ତନୁ ରଚିତ , ଜାଣ ଚତୁର ସୁଜାଣ ।
କହଇ ନାନକ ଯେଉଁଠାରୁ ଜାତ , ତହିଁରେ ହୁଅଇ ଲୀନ ।।୧୧।।

*ଘଟ ଘଟ ମୈ ହରି ଜୂ ବସୈ ସଂତନ କହିଓ ପୁକାରି ।।*
*କହୁ ନାନକ ତିହ ଭଜୁ ମନା ଭଉ ନିଧି ଉତରହି ପାରି ।।୧୨।।*
--ଘଟେ ଘଟେ ହରି ବିରାଜି ଅଛନ୍ତି , କହନ୍ତି ସନ୍ଥ ହକାରି ।
କହଇ ନାନକ ଭଜ ମନ ତାଙ୍କୁ, ଭବସିନ୍ଧୁ ହେବୁ ପାରି ।।୧୨।।

*ସୁଖୁ ଦୁଖୁ ଜିହ ପରସୈ ନହୀ ଲୋଭୁ ମୋହୁ ଅଭିମାନୁ ।।*
*କହୁ ନାନକ ସୁନୁ ରେ ମନା ସୋ ମୂରତି ଭଗୱାନ ।।୧୩।।*
--ସୁଖ-ଦୁଃଖ ଯା'କୁ ଛୁଇଁ ନ ପାରଇ , ଲୋଭ ମୋହ ଅଭିମାନ ।
କହଇ ନାନକ ଶୁଣ ଆରେ ମନ , ସେ ମୂରତି ଭଗବାନ ।।୧୩।।

*ଉସତତି ନିଂଦିଆ ନାହି ଜିହି କଂଚନ ଲୋହ ସମାନି ।।*
*କହୁ ନାନକ ସୁନି ରେ ମନା ମୁକତି ତାହି ତୈ ଜାନି ।।୧୪।।*
--ସ୍ତୁତି ନିନ୍ଦା କିଛି ନୁହେଁ ଯାହା ଲାଗି , କାଞ୍ଚନ ଲୌହ ସମାନ ।
କହଇ ନାନକ ଶୁଣ ଆରେ ମନ , ସେ ଜନ ମୁକ୍ତ ତୁ ଜାଣ ।।୧୪।।

*ହରଖୁ ସୋଗୁ ଜା କୈ ନହୀ ବୈରୀ ମୀତ ସମାନି ।।*
*କହୁ ନାନକ ସୁନି ରେ ମନା ମୁକତି ତାହି ତୈ ଜାନି ।।୧୫।।*
--ହର୍ଷ ଅବା ଶୋକ କିଛି ନୁହେଁ ଯା'ର , ବଇରୀ ବନ୍ଧୁ ସମାନ ।
କହଇ ନାନକ ଶୁଣ ଆରେ ମନ , ସେ ଜନ ମୁକ୍ତ ତୁ ଜାଣ ।।୧୫।।

*ଭୈ କାହୁ କଉ ଦେତ ନହି ନହି ଭୈ ମାନତ ଆନ ।।*
*କହୁ ନାନକ ସୁନି ରେ ମନା ଗିଆନୀ ତାହି ବଖାନି ।।୧୬।।*
--ଭୟଭୀତ କେବେ ନ କରେ କାହାକୁ , ଭୟ ଆନେ କରେ ନାହିଁ ।
କହଇ ନାନକ ଶୁଣ ଆରେ ମନ , ଜ୍ଞାନୀ ବୋଲି ତାକୁ କହି ।।୧୬।।

*ଜଉ ସୁଖ କଉ ଚାହୈ ସଦା ସରନି ରାମ କୀ ଲେହ ।।*
*କହୁ ନାନକ ସୁନି ରେ ମନା ଦୁରଲଭ ମାନୁଖ ଦେହ ।।୨୭।।*
--ତ୍ୟାଗ କରି ଯିଏ ସକଳ ମାୟାକୁ , ଧଇଲା ଭେକ ବୈରାଗ୍ୟ ।
କହଇ ନାନକ ଶୁଣ ଆରେ ମନ , ଉତ୍ତମ ତାହାର ଭାଗ୍ୟ ।।୧୭।।

*ମାଇଆ କାରନି ଧାୱହୀ ମୂରଖ ଲୋଗ ଅଜାନ ।।*
*କହୁ ନାନକ ବିନୁ ହରି ଭଜନ ବିରଥା ଜନମୁ ସିରାନ ।।୨୮।।*

--ମାୟା ମମତା କୁ ତ୍ୟାଗ କରି ଯିଏ , ସକଳେ ରହେ ଉଦାସ ।
କହଇ ନାନକ ଶୁଣ ଆରେ ମନ , ତା ଘଟେ ବ୍ରହ୍ମ ନିବାସ ।।୧୮ ।।

*ଜିହି ପ୍ରାନୀ ହଉମୈ ତଜୀ କରତା ରାମୁ ପଛାନି ।।*
*କହୁ ନାନକ ୱହୁ ମୁକତି ନରୁ ଇହ ମନ ସାଚୀ ମାନୁ ।।୧୯ ।।*
--ଯେଉଁ ପ୍ରାଣୀ ଜାଣେ କରତା ରାମଙ୍କୁ , ତେଜି ଗର୍ବ ଅଭିମାନ ।
କହଇ ନାନକ ମୁକ୍ତ ସେହି ନର , ମନ ଏହା ସତ୍ୟ ଜାଣ ।।୧୯ ।।

*ଭୈ ନାସନ ଦୁରମତି ହରନ କଲି ମୈ ହରି କୋ ନାମୁ ।।*
*ନିସି ଦିନୁ ଜୋ ନାନକ ଭଜୈ ସଫଲ ହୋହି ତିହ କାମ ।।୨୦ ।।*
--ଭୟ ବିନାଶନ ଦୁର୍ମତି ହରଣ , କଳି କାଳେ ହରିନାମ ।
ନିଶି ଦିନି ଯିଏ ଭଜଇ 'ନାନକ' , ସଫଳ ହୁଏ ତା କାମ ।।୨୦ ।।

*ଜିହବା ଗୁନ ଗୋବିଂଦ ଭଜହୁ କରନ ସୁନହୁ ହରି ନାମୁ ।।*
*କହୁ ନାନକ ସୁନି ରେ ମନା ପରହି ନ ଜମ କୈ ଧାମ ।।୨୧ ।।*
--ଜିହ୍ୱାରେ ଗୋବିନ୍ଦ ଗୁଣ ଗାନ କର , କର୍ଣ୍ଣେ ଶୁଣ ହରି ନାମ ।
କହଇ ନାନକ ଶୁଣ ଆରେ ମନ , ନ ଦେଖିବୁ ଯମ ଧାମ ।।୨୧ ।।

*ଜୋ ପ୍ରାନୀ ମମତା ତଜୈ ଲୋଭ ମୋହ ଅହଂକାର ।।*
*କହୁ ନାନକ ଆପନ ତରୈ ଅଉରନ ଲେତ ଉଧାର ।।୨୨ ।।*
--ଯେଉଁ ପ୍ରାଣୀ ତ୍ୟାଗ କରଇ ମମତା , ଲୋଭ ମୋହ ଅହଂକାର ।
କହଇ ନାନକ ତାରି ଆପଣାକୁ , ଅନ୍ୟକୁ କରେ ଉଦ୍ଧାର ।।୨୨ ।।

*ଜିଉ ସୁପନା ଅରୁ ପେଖନା ଐସେ ଜଗ କଉ ଜାନି । ।*
*ଇନ ମୈ କଛୁ ସାଚୋ ନହୀ ନାନକ  ବିନୁ ଭଗୱାନ । ।୨୩ । ।*
--ଯେସନ ସପନ ଭୋଜବାଜି ଖେଳ , ତେସନ ଜଗତ ଜାଣ  ।
ସତ୍ୟ ବୋଲି କିଛି ଏଠାରେ ନାନକ , ନାହିଁ ବିନୁ ଭଗବାନ  । ।୨୩ । ।

*ନିସି ଦିନୁ ମାଇଆ କାରନେ ପ୍ରାନୀ ଡୋଲତ ନୀତ । ।*
*କୋଟନ ମୈ ନାନକ କୋଊ ନାରାଇନୁ ଜିହ ଚୀତି । ।୨୪ । ।*
--ନିଶି ଦିନ ପ୍ରାଣୀ ମାୟାର କାରଣେ , ଏଣେ ତେଣେ ଭ୍ରମୁଥାଇ  ।
କୋଟିକେ ଗୋଟିଏ ମିଳିବ ନାନକ , ଥିବ  ନାରାୟଣ ଧ୍ୟାୟୀ  । ।୨୪ । ।

*ଜୈସେ ଜଲ ତେ ବୁଦବୁଦା ଉପଜୈ ବିନସୈ ନୀତ । ।*
*ଜଗ ରଚନା ତୈସେ ରଚୀ କହୁ ନାନକ ସୁନି ମୀତ । ।୨୫ । ।*
--ଜଳରେ ଯେମନ୍ତ ବୁଦ୍ବୁଦ ଉପୁଜି , ନାଶ ଯାଏ ନିଶିଦିନ  ।
ଜଗତ ରଚନା ସେହି ପରି ମିତ , କହଇ ନାନକ ଶୁଣ  । ।୨୫ । ।

*ପ୍ରାନୀ କଛୂ ନ ଚେତଈ ମଦି ମାଇଆ କୈ ଅଂଧୁ । ।*
*କହୁ ନାନକ ବିନୁ ହରି ଭଜନ ପରତ ତାହି ଜମ ଫଂଧ । ।୨୬ ।*
--ତିଳେ ହେଲେ ପ୍ରାଣୀ ନ ପାଏ ଚେତନା , ମାୟା ମଦେ ଅନ୍ଧ ହୋଇ ।
ହରିଙ୍କ ଭଜନ ବିହୁନେ ନାନକ , ଯମ ଫାନ୍ଦେ ପଡ଼ିଥାଇ  । ।୨୬ । ।

*ଜଉ ସୁଖ କଉ ଚାହୈ ସଦା ସରନି ରାମ କୀ ଲେହ । ।*
*କହୁ ନାନକ ସୁନି ରେ ମନା ଦୁରଲଭ ମାନୁଖ ଦେହ । ।୨୭ । ।*

--ଚିର କାଳ ପାଇଁ ସୁଖ ଚାହୁଁ ଯେବେ , ରାମ ଶରଣ ତୁ ନିଅ ।
କହଇ ନାନକ ଶୁଣ ଆରେ ମନ , ଦୁର୍ଲଭ ମାନବ ଦେହ ।।୨୭।।

*ମାଇଆ କାରନି ଧାୱହୀ ମୂରଖ ଲୋଗ ଅଜାନ ।।*
*କହୁ ନାନକ ବିନୁ ହରି ଭଜନ ବିରଥା ଜନମୁ ସିରାନ ।।୨୮।।*
--ମାୟାର କାରଣେ ଧାଇଁ ବୁଲୁଥାଇ , ମୁରୁଖ ନର ଅଜ୍ଞାନ ।
ହରିଙ୍କ ଭଜନ ବିହୁନେ ନାନକ , ନର ଜନ୍ମ ଅକାରଣ ।।୨୮।।

*ଜୋ ପ୍ରାନୀ ନିସି ଦିନୁ ଭଜୈ ରୂପ ରାମ ତିହ ଜାନୁ ।।*
*ହରି ଜନ ହରି ଅଂତରୁ ନହୀ ନାନକ ସାଚୀ ମାନୁ ।।୨୯।।*
--ଭଜୁ ଥାଇ ଯେଉଁ ପ୍ରାଣୀ ନିଶିଦିନ , ରାମ ସ୍ୱରୂପ ସେ ଜାଣ ।
ହରିଜନ ହରି ଅନ୍ତର ନାହିଁତ , ନାନକ ଏ ସତ୍ୟ ମାନ ।।୨୯।।

*ମନୁ ମାଇଆ ମୈ ଫଧି ରହିଓ ବିସରିଓ ଗୋବିଂଦ ନାମୁ ।।*
*କହୁ ନାନକ ବିନୁ ହରି ଭଜନ ଜୀୱନ କଉନେ କାମ ।।୩୦।।*
--ମାୟାର ଫାନ୍ଦରେ ପଡ଼ି ବାଇ ମନ , ଭୁଲିଲୁ ଗୋବିନ୍ଦ ନାମ ।
ଶ୍ରୀହରି ଭଜନ ବିହୁନେ ନାନକ , କିବା ଜୀବନର କାମ ।।୩୦।।

*ପ୍ରାନୀ ରାମୁ ନ ଚେତଈ ମଦି ମାଇଆ କୈ ଅଂଧୁ ।।*
*କହୁ ନାନକ ହରି ଭଜନ ବିନୁ ପରତ ତାହି ଜମ ଫଂଧ ।।୩୧।।*
--ରାମନାମ ପ୍ରାଣୀ ନ କରେ ସ୍ମରଣ , ମାୟା ମଦେ ହୋଇ ଅନ୍ଧ ।
ଶ୍ରୀହରି ଭଜନ ବିହୁନେ ନାନକ , ଲାଗେ ତାକୁ ଯମ ଫନ୍ଦ ।।୩୧।।

*ସୁଖ ମୈ ବହୁ ସଂଗୀ ଭଏ ଦୁଖ ମୈ ସଂଗି ନ କୋଇ । ।*
*କହୁ ନାନକ ହରି ଭଜୁ ମନା ଅଂତି ସହାଇ ହୋଇ । ।୩୨ । ।*
--ସୁଖବେଳେ ସଙ୍ଗୀ ବହୁତ ହୁଅନ୍ତି , ଦୁଃଖେ ସଙ୍ଗୀ କେ ନୁହଇ ।
କହଇ ନାନକ ଭଜମନ ହରି , ଅନ୍ତେ ସହାୟ ହୁଅଇ । ।୩୨ । ।

*ଜନମ ଜନମ ଭରମତ ଫିରିଓ ମିଟିଓ ନ ଜମ କୋ ତ୍ରାସୁ । ।*
*କହୁ ନାନକ ହରି ଭଜୁ ମନା ନିରଭୈ ପାୱହି ବାସୁ । ।୩୩ । ।*
--ଜନମ ଜନମ ଭ୍ରମି ଭ୍ରମି ଗଲା , ଗଲା ନାହିଁ ଯମତ୍ରାସ ।
କହଇ ନାନକ ଭଜ ମନ ହରି , ନିର୍ଭୟେ ପାଇବୁ ବାସ । ।୩୩ । ।

*ଜତନ ବହୁତୁ ମୈ କରି ରହିଓ ମିଟିଓ ନ ମନ କୋ ମାନୁ । ।*
*ଦୁରମତି ସିଉ ନାନକ ଫଧିଓ ରାଖି ଲେହୁ ଭଗୱାନ । ।୩୪ । ।*
--ଯତନ ବହୁତ କରୁଅଛି ମୁହିଁ , ମନୁ ଯାଉ ନାହିଁ ମାନ ।
ଦୁର୍ମତି ରେ ମନ ମାତିଛି ନାନକ , ରକ୍ଷା କର ଭଗବାନ । ।୩୪ । ।

*ବାଲ ଜୁଆନୀ ଅରୁ ବିରଧି ଫୁନି ତୀନି ଅୱସଥା ଜାନି । ।*
*କହୁ ନାନକ ହରି ଭଜନ ବିନୁ ବିରଥା ସଭ ହୀ ମାନୁ । ।୩୫ । ।*
--ବାଲ ଯୁବା ଆଉ ବୃଦ୍ଧ ଏହି ପରି , ତିନି ଅବସ୍ଥାକୁ ଜାଣ ।
ଶ୍ରୀହରି ଭଜନ ବିହୁନେ ନାନକ , ସବୁ ହୁଏ ଅକାରଣ । ।୩୫ । ।

*କରଣୋ ହୁତୋ ସୁ ନା କୀଓ ପରିଓ ଲୋଭ କୈ ଫଂଧ । ।*
*ନାନକ ସମିଓ ରମି ଗଇଓ ଅବ କିଉ ରୋୱତ ଅଂଧ । ।୩୬ । ।*

--କଲୁ ନାହିଁ ଯାହା କରିବାର ଥିଲା , ଲୋଭର ଫାନ୍ଦରେ ପଡ଼ି ।
ବିତିଲା ସମୟ କିପାଇଁ ନାନକ , ଏବେ ଛାଡୁଅଛୁ ରଡ଼ି ।।୩୬।।

*ମନୁ ମାଇଆ ମୈ ରମି ରହିଓ ନିକସତ ନାହି ନ ମୀତ ।।*
*ନାନକ ମୂରତି ଚିତ୍ର ଜିଉ ଛାଡତି ନାହି ନ ଭୀତି ।।୩୭।।*
--ଛାଡ଼ୁ ନାହିଁ ମିତ ମାୟା ସଙ୍ଗତରେ , ମନ ରହି ଅଛି ଜଡ଼ି ।
ନାନକ ଯେମନ୍ତ ଚିତ୍ରିତ ମୂରତି , ଭିତ୍ତି ନ ପାରଇ ଛାଡ଼ି ।।୩୭।।

*ନର ଚାହତ କଛୁ ଅଉର ଅଉରୈ କୀ ଅଉରୈ ଭଈ ।।*
*ଚିତୱତ ରହିଓ ଠଗଉର ନାନକ ଫାସୀ ଗଲି ପରୀ ।।୩୮।।*
--ନର ଆଉ କିଛି ଚାହିଁଲା ବେଳକୁ , ଆଉ କିଛି ହୋଇଥାଇ ।
କହଇ ନାନକ ମନ୍ଦ ପାଞ୍ଚୁପାଞ୍ଚୁ , ଯମ ଫାଶେ ପଡ଼େଯାଇ ।।୩୮।।

*ଜତନ ବହୁତ ସୁଖ କେ କୀଏ ଦୁଖ କୋ କୀଓ ନ କୋଇ ।।*
*କହୁ ନାନକ ସୁନି ରେ ମନା ହରି ଭାୱୈ ସୋ ହୋଇ ।।୩୯।।*
--ସୁଖ ପାଇଁ ବହୁ ଯତନ କରନ୍ତି , ଦୁଃଖକୁ କେହି ନ ଚାହେଁ ।
କହଇ ନାନକ ଶୁଣ ଆରେ ମନ , ହରି ଇଚ୍ଛା ପୂର୍ଣ୍ଣ ହୁଏ ।।୩୯।।

*ଜଗତୁ ଭିଖାରୀ ଫିରତୁ ହୈ ସଭ କୋ ଦାତା ରାମୁ ।।*
*କହୁ ନାନକ ମନ ସିମରୁ ତିହ ପୂରନ ହୋୱହି କାମ ।।୪୦।।*
--ଜଗତ ଭିଖାରି ସମ ଭ୍ରମୁଥାଇ , ସଭିଙ୍କର ଦାତା ରାମ ।
କହଇ ନାନକ ସ୍ମର ତାଙ୍କୁ ମନ , ପୂର୍ଣ୍ଣ ହେବ ତୋର କାମ ।।୪୦।।

*ଝୁଠୈ ମାନୁ କହା କରୈ ଜଗୁ ସୁପନେ ଜିଉ ଜାନୁ ।।*
*ଇନ ମୈ କଛୁ ତେରୋ ନହୀ ନାନକ କହିଓ ବଖାନି ।।୪୧।।*
--ବୃଥା ଅଭିମାନ କରୁ ଅଛୁ କିଆଁ , ଜଗତ ସପନ ଜାଣ ।
ତୋର ବୋଲି ଏଥେ କାହିଁ କିଛି ନାହିଁ , ନାନକର ଏ ବଖାଣ ।।୪୧।।

*ଗରବୁ କରତୁ ହୈ ଦେହ କୋ ବିନସୈ ଛିନ ମୈ ମୀତ ।।*
*ଜିହି ପ୍ରାନୀ ହରି ଜସୁ କହିଓ ନାନକ ତିହି ଜଗୁ ଜୀତି ।।୪୨।।*
--ଯେଉଁ ଦେହ ପାଇଁ ଗର୍ବ କରୁ ମିତ , କ୍ଷଣିକେ ହେବ ବିନାଶ ।
ଜିଣି ପାରିଛି ସେ ଜଗତ ନାନକ , ଯେ ଗାଇଛି ହରି ଯଶ ।।୪୨।।

*ଜିହ ଘଟି ସିମରନୁ ରାମ କୋ ସୋ ନରୁ ମୁକତା ଜାନୁ ।।*
*ତିହି ନର ହରି ଅଂତରୁ ନହୀ ନାନକ ସାଚୀ ମାନୁ ।।୪୩।।*
--ଯାହରି ଚିତ୍ତରେ ରାମଙ୍କ ସ୍ମରଣ , ସେହି ନର ମୁକ୍ତ ଜାଣ ।
ସେହି ନର ହରି ଅନ୍ତର ନାହିଁତ , ନାନକ ଏ ସତ୍ୟ ମାନ ।।୪୩।।

*ଏକ ଭଗତି ଭଗୱାନ ଜିହ ପ୍ରାନୀ କୈ ନାହି ମନି ।।*
*ଜୈସେ ସୂକର ସୁଆନ ନାନକ ମାନୋ ତାହି ତନୁ ।।୪୪।।*
--ଏକ ଭଗବାନ ଭକ୍ତି ସୁଧାରସ , ଯା ହୃଦ କମଳେ ନାହିଁ ।
ଶୂକର-କୁକ୍କୁର ସମ ତା ଶରୀର , ନାନକ କହେ ବୁଝାଇ ।।୪୪।।

*ସୁଆମୀ କୋ ଗ୍ରିହୁ ଜିଉ ସଦା ସୁଆନ ତଜତ ନହୀ ନିତ ।।*
*ନାନକ ଇହ ବିଧି ହରି ଭଜଉ ଇକ ମନି ହୁଇ ଇକ ଚିତି ।।୪୫।।*

--ଯେଉଁ ପରକାର ଶ୍ୱାନ କେବେ ହେଲେ , ତ୍ୟାଗେ ନାହିଁ ସ୍ୱାମୀ ଦ୍ୱାର ।
ଏକ ମନ ଏକ ଚିତ୍ତରେ ନାନକ , ଭଜ ହରି ସେ ପ୍ରକାର ।।୪୫।।

*ତୀରଥ ବରତ ଅରୁ ଦାନ କରି ମନ ମୈ ଧରୈ ଗୁମାନୁ ।।*
*ନାନକ ନିହଫଲ ଜାତ ତିହ ଜିଉ କୁଂଚର ଇସନାନୁ ।।୪୬।।*
--ତୀର୍ଥ ବ୍ରତ ଆଉ ଦାନ କରି ଯିଏ , ରଖଇ ମନେ ଗୁମାନ ।
ସବୁ କିଛି ତାର ନିଷ୍ଫଳ ନାନକ , ଯେମନ୍ତ କୁଞ୍ଜର ସ୍ନାନ ।।୪୬।।
*( କୁଞ୍ଜର- ହାଥୀ )*
*ସିରୁ କଂପିଓ ପଗ ଡଗମଗେ ନୈନ ଜୋତି ତେ ହୀନ ।।*
*କହୁ ନାନକ ଇହ ବିଧି ଭଈ ତଉ ନ ହରି ରସି ଲୀନ ।।୪୭।।*
--ଶିର ପ୍ରକମ୍ପିତ ପଦ ବିଚଳିତ , ଚକ୍ଷୁ ହେଲା ଜ୍ୟୋତିହୀନ ।
ଏ ଗତି ଭୋଗିଲୁ ତଥାପି ନାନକ , ନ ଗାଇଲୁ ହରି ଗୁଣ ।।୪୭।।

*ନିଜ କରି ଦେଖିଓ ଜଗତୁ ମୈ କୋ କାହୁ କୋ ନାହି ।।*
*ନାନକ ଥିରୁ ହରି ଭଗତି ହୈ ତିହ ରାଖୋ ମନ ମାହି ।।୪୮।।*
--କରି ଆପଣାର ଦେଖିଲି ଜଗତ , କେହି ନୁହଇ କାହାର ।
କହଇ ନାନକ ସ୍ଥିର ହରି ଭକ୍ତି , ମନେ ତାହା ରଖ ତୋର ।।୪୮।।

*ଜଗ ରଚନା ସଭ ଝୂଠ ହୈ ଜାନି ଲେହୁ ରେ ମୀତ ।।*
*କହି ନାନକ ଥିରୁ ନା ରହୈ ଜିଉ ବାଲୂ କୀ ଭୀତି ।।୪୯।।*
--ଜଗତ ରଚନା ସବୁ କିଛି ମିଥ୍ୟା , ମିତ ମନେ ଜ୍ଞାନ କର ।
କହଇ ନାନକ ବାଲୁକା ପ୍ରାଚୀର , ଯେମନ୍ତ ନ ରହେ ସ୍ଥିର ।।୪୯।।

*ରାମୁ ଗଇଓ ରାୱନୁ ଗଇଓ ଜା କଉ ବହୁ ପରୱାରୁ । ।*

*କହୁ ନାନକ ଥିରୁ କଛୁ ନହୀ ସୁପନେ ଜିଉ ସଂସାରୁ । ।୫୦ । ।*

--ଗଲେ ରାମଚନ୍ଦ୍ର ଗଲାତ ରାବଣ , ଛାଡ଼ି ମହା ପରିବାର ।

କହଇ ନାନକ ସ୍ଥିର କିଛି ନାହିଁ , ସପନ ସମ ସଂସାର । ।୫୦ । ।

*ଚିଂତା ତା କୀ କୀଜୀଐ ଜୋ ଅନହୋନୀ ହୋଇ । ।*

*ଇହୁ ମାରଗୁ ସଂସାର କୋ ନାନକ ଥିରୁ ନହୀ କୋଇ । ।୫୧ । ।*

--ଯା ହେବାର ନୁହେଁ ହେଲା ଯଦି କିଛି , ତାହା ତୁହି ଚିନ୍ତା କର ।

ସଂସାରର ଏହା ନିୟମ ନାନକ , ଏଥେ କିଛି ନୁହେଁ ସ୍ଥିର । ।୫୧ । ।

*ଜୋ ଉପଜିଓ ସୋ ବିନସି ହୈ ପରୋ ଆଜୁ କୈ କାଲି । ।*

*ନାନକ ହରି ଗୁନ ଗାଇ ଲେ ଛାଡି ସଗଲ ଜଂଜାଲ । ।୫୨ । ।*

--ଉପୁଜିଛି ଯାହା ନାଶଯିବ ଆଜି , କାଲି ବା ପଅରି ଦିନ ।

ଛାଡ଼ ତୁ ସକଳ ଜଞ୍ଜାଳ ନାନକ , ଗାନ କର ହରି ନାମ । ।୫୨ । ।

"ଦୋହରା"

*ବଲୁ ଛୁଟକିଓ ବଂଧନ ପରେ କଛୂ ନ ହୋତ ଉପାଇ । ।*

*କହୁ ନାନକ ଅବ ଓଟ ହରି ଗଜ ଜିଉ ହୋହୁ ସହାଇ । ।୫୩ । ।*

--ବଳ ସରିଗଲା ବନ୍ଧନ ପଡ଼ିଲା , ନ ଦିଶେ କିଛି ଉପାୟ, ।

ଗଜ ଉଦ୍ଧାରଣ ପରାଏ ନାନକ , ହେ ହରି ହୁଅ ସହାୟ । ।୫୩ । ।

*ବଲୁ ହୋଆ ବଂଧନ ଛୁଟେ ସଭ କିଛୁ ହୋତ ଉପାଇ । ।*

*ନାନକ ସଭୁ କିଛୁ ତୁମରୈ ହାଥ ମୈ ତୁମ ହୀ ହୋତ ସହାଇ । ।୫୪ । ।*

-- ବଳ ମିଳିଅଛି ବନ୍ଧନ ତୁଟିଛି , ଦିଶିବ ସବୁ ଉପାୟ ।
କହଇ ନାନକ ସବୁ ତୁମ ହାତେ , ତୁମେ ହିଁ ହୁଅ ସହାୟ ।।୫୪।।

*ସଂଗ ସଖା ସଭି ତଜି ଗଏ କୋଉ ନ ନିବହିଓ ସାଥି ।।*
*କହୁ ନାନକ ଇହ ବିପତି ମୈ ଟେକ ଏକ ରଘୁନାଥ ।।୫୫।।*
--ସଙ୍ଗୀ ସଖା ଯେତେ କେହି ନ ରହିଲେ , ଛଡ଼ାଇ ନେଲେଣି ହାତ ।
କହଇ ନାନକ ଏ ବିପତ୍ତି ବେଳେ , ସାହା ଏକା ରଘୁନାଥ ।।୫୫।।

*ନାମୁ ରହିଓ ସାଧୂ ରହିଓ ରହିଓ ଗୁରୁ ଗୋବିଂଦୁ ।।*
*କହୁ ନାନକ  ଇହ ଜଗତ ମୈ କିନ ଜପିଓ ଗୁରମଂତୁ ।।୫୬।।*
--ଅନ୍ତେ ରହେ ନାମ ସାଧୁସଙ୍ଗ-ଫଳ , ଗୁରୁ ଗୋବିନ୍ଦଙ୍କ ରୂପ ।
କହଇ ନାନକ ନ କରୁ କିପାଇଁ , ହୃଦେ ଗୁରୁମନ୍ତ୍ର ଜପ ।।୫୬।।

*ରାମ ନାମୁ ଉର ମୈ ଗହିଓ ଜା କୈ ସମ ନହୀ କୋଇ ।।*
*ଜିହ ସିମରତ ସଂକଟ ମିଟୈ ଦରସୁ ତୁହାରୋ ହୋଇ ।।୫୭।।*
--ହୃଦୟେ ଧାରଣ କର ରାମ ନାମ , କିଛି ନାହିଁ ଯା ସମାନ ।
ଯାହାର ସ୍ମରଣେ ସଙ୍କଟ ତୁଟଇ , ମିଳେ ପ୍ରଭୁ ଦରଶନ ।।୫୭।।

**(((((-----)))))**



# Sardaar Kirpal Singh 'Dakia'

formerly known as Hari Har Dakua

Well known teacher and connected with Aakaashvani for the last many years. Its his big effort inspite of his illness, he has done a great job and written some of The Holy Baani of Sikh Gurus in Odiya so that the message can be read in local language which was not possible before. Baani is availabe already in english and many international languages but in our local Odiya language , it is the first effort , and a good thing is that the Baani translation is written in verse form. He has translated the first Baani **The "japuji Sahib ji"**, of First Guru "**Sri Guru Nanak Dev ji",** the well known **"Sukhmani Sahib jI"- Baani by the Fifth guru 'Sri Guru Arjun Dev ji",** then he translated **"Shloak mehla 9" - Baani by ninth guru "Sri Guru Tegh Bahadur ji"** and one more **"Anand Sahib ji" – Baani by the third guru " Sri Guru Amardaas ji"**